# Akashvani, Sambalpur

## SAMBALPURI NEWS BULLETIN

### 20 May 2025- 6.47- 6.52 am.

**********************************************

ବୈଦେଶିକ୍ ସଚିବ ବିକ୍ରମ୍ ମିଶ୍ରି ଆର୍‌ଏନ୍‌ୟୁ/ ସମ୍ବଲପୁର

ପେହେଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ୍ ଉତ୍‌ରୁ ଭାରତ୍-ପାକିସ୍ତାନ୍ ସଂଘର୍ଷ ବାବ୍‌ଦେ ବୈଦେଶିକ୍ ସଚିବ ବିକ୍ରମ୍ ମିଶ୍ରି ଗଲାକାଏଲ୍ ସଂସଦୀୟ କମିଟିକେ ସୂଚ୍‌ନା ଦେଇଛନ୍ । କମିଟିର୍ ସଦସ୍ୟମାନ୍‌କୁ ଶ୍ରୀ ମିଶ୍ରି ବହୁତ୍‌ଟେ ଜରୁରୀ ତଥ୍ୟ ଦେଇଥିବାର୍ ବେଲେ ଭାରତ୍-ପାକିସ୍ତାନ୍ ଅସ୍ତ୍ରବିରତିଥି ଆମେରିକାର୍ କେନ୍‌ସି ଭୂମିକା ନାଇଁନ ବଲି ସ୍ପଷ୍ଟ କରିଛନ୍ । ଗଲା ୧୦ ତାରିଖ୍ ଭାରତ୍-ପାକିସ୍ତାନ୍ ଡିଜିଏମ୍‌ଓ ସ୍ତର୍‌ଥି ଦ୍ୱିପାକ୍ଷିକ କଥାବାର୍ତା ଜରିଏ ଅସ୍ତ୍ରବିରତି ଲାଗି ଆଲୋଚନା ହେଇଥିଲା ଆଉ ସହମତି ପ୍ରକାଶ୍ ପାଇଥିଲା । ଇଥି କେନ୍‌ସି ଭିଲ୍ ୩ ନମ୍ବର୍ ପକ୍ଷର୍ ହସ୍ତକ୍ଷେପ ନାଇଁନ ବଲି ଶ୍ରୀ ମିଶ୍ରି କହିଛନ୍ । ସେଆଡ଼େ ପାକିସ୍ତାନ୍ ଆଡୁ ପରମାଣୁ ଆକ୍ରମଣ୍‌ର କେନ୍‌ସି ପ୍ରକାର୍ ସଂକେତ୍ ନାଇଁନ ବଲି ବୈଦେଶିକ୍ ସଚିବ ଶ୍ରୀ ମିଶ୍ରି ସୂଚ୍‌ନା ଦେଇଛନ୍ ।

ୱାନ୍ ରେଙ୍କ୍ -ୱାନ୍ ପେନ୍ସନ୍ ଆର୍ଏନ୍ୟୁ/ ସମ୍ବଲପୁର

ହାଇକୋର୍ଟର ସବୁ ଅବସରପ୍ରାପ୍ତ ବିଚାର୍ପତିମାନ୍କୁ ସ୍ଥାୟୀ କି ଅତିରିକ୍ତ ବିଚାର୍ପତି ଭାବେ ନିଯୁକ୍ତି ମାନ୍ୟତା ନିର୍ବିଶେଷ୍ଥି ସମାନ୍ ପେନ୍ସନ୍ ଦେବାର୍କେ ସୁପ୍ରିମ୍କୋର୍ଟ ଗଲାକାଏଲ୍ ନିର୍ଦ୍ଦେଶ୍ ଦେଇଛନ୍ । ଜାତୀୟ ଗ୍ରୀନ୍ ଟ୍ରିବୁନାଲ୍ର ବିଚାର୍ପତି ଆଉ ସବୁ ଜିଲ୍ଲା ଜଜ୍ ମାନ୍କୁ ଅବସର ଉତ୍ରୁ ସମାନ୍ ସୁବିଧା ଦେବାର୍ ଲାଗି ନ୍ୟାୟାଳୟ ନିର୍ଦ୍ଦେଶ୍ ଦେଇଛନ୍ । ୱାନ୍ ରେଙ୍କ୍ -ୱାନ୍ ପେନ୍ସନ୍ ନୀତିକେ ସମର୍ଥନ୍ କରିକରି ପ୍ରଧାନ୍ ବିଚାର୍ପତି ଜଷ୍ଟିସ୍ ବି.ଆର୍. ଗବାଇ କହିଛନ୍, ନ୍ୟାୟିକ ସ୍ୱାଧୀନତାକେ ସୁରକ୍ଷିତ୍ ରଖିବାର୍ ଲାଗି ଦର୍ମା ବାଗିର୍ ଅବସର ଉତ୍ରର୍ ସୁବିଧାକେ ସମାନତା ଦେବାର୍ ଜରୁରୀ ଆଏ ।

ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ-ବିଦେଶ୍ ଆର୍ଏନ୍ୟୁ/ ସମ୍ବଲପୁର

ଅପରେସନ୍ ସିନ୍ଦୁର୍ ପରିପ୍ରେକ୍ଷୀଥି ଆଏବା ୨୩ ତାରିଖ୍ କେନ୍ଦ୍ର ସର୍କାର୍ଙ୍କର୍ ୭ ଝନିଆ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ୪ ଟା ଦେଶ୍ ସାଉଦିଆରବ୍, କୁଏତ୍, ବାହାରିନ୍ ଆର୍ ଆଲ୍ଜେରିଆ ଗସ୍ତଥି ଯିବେ । ଗଲାକାଏଲ୍ ବିଜେପିର୍ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଗଣମାଧ୍ୟମ୍କେ ସୂଚ୍ନା ଦେଇକରି କହିଛନ୍, ତାଙ୍କର୍ ନେତୃତ୍ୱଥି ଇ

ପ୍ରତିନିଧି ଦଲ୍ ଭିନ୍ ଭିନ୍ ଦେଶ୍‌ମାନ୍‌କର୍ ରାଜନେତା ଆଉ ସର୍‌କାରୀ ପ୍ରତିନିଧି ମାନ୍‌କୁ ଭେଟିକରି ଅପରେସନ୍ ସିନ୍ଦୁର୍ ବାବ୍‌ଦେ ଜନାବେ ।

ସୁଗମ ନିର୍ବାଚନ୍ I&PR

ରାଏଜେ ମୁକ୍ତ, ଅବାଧ ଆଉ ନିରପେକ୍ଷ ନିର୍ବାଚନ୍ ପରିଚାଲନା ଉପ୍‌ରେ ନିର୍ବାଚନ୍ ଆୟୋଗ୍ ସବୁବେଲେ ଜୋର୍ ଦେଇ ଆସିଛେ । ଇସିଆଇର ମାର୍ଗଦର୍ଶିକା ଅନ୍‌ସାରେ ମୁଖ୍ୟ ନିର୍ବାଚନ୍ ଆୟୋଗଙ୍କର୍ ସମ୍ମିଲନୀ କକ୍ଷ ନ 'ସୁଗମ ନିର୍ବାଚନ୍'କେ ନେଇକରି ସଂଚାଲନା କମିଟି ପହେଲା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଦିବ୍ୟାଙ୍ଗ ଭୋଟର୍ ମାନ୍‌କର୍ ଚିହ୍ନଟ୍, ନିର୍ବାଚନ୍ ବୁଥ୍ ନ ଦିବ୍ୟାଙ୍ଗ ମାନ୍‌କର୍ ଲାଗି ରେମ୍ପ୍, ସୂଚ୍‌ନା ଫଲକ, ଶୌଚାଳୟ, ପିଇବାର୍ ପାଏନ୍ ବ୍ୟବସ୍ଥା, ଭିନ୍ ଭିନ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ୍‌ର ଉପଯୋଗ୍ ଆଉ ନିର୍ବାଚନ୍ ଦିବ୍ୟାଙ୍ଗ ମାନ୍‌କର୍ ସୁବିଧା ଲାଗି କାଏଁ କାଏଁ ପଦକ୍ଷେପ୍ ଗ୍ରହଣ୍ କରାଯାଇପାର୍‌ବା ସେ ବାବ୍‌ଦେ ଆଲୋଚନା ହେଇପାର୍‌ବା । ବୈଠକ୍‌ଥି ସକ୍ଷମ୍ ଆପ୍ ଜରିଏ ଦିବ୍ୟାଙ୍ଗ ମାନ୍‌କର୍ ନାଁ ପଞ୍ଜିକରଣ୍ ଉପ୍‌ରେ ଜୋର୍ ଦିଆଯାଇଥିଲା ।

ଜଙ୍ଗଲ୍ ଜମିର୍ ଜିଓ ରେଫରେନ୍ସି ପ୍ରକଳ୍ପ I&PR

ରାଏଜେ ଜଙ୍ଗଲ୍ ଜମିର୍ ଜିଓ ରେଫରେନ୍ସି ପ୍ରକଳ୍ପ କାମ୍ ଶେଷ୍ ଖେପେ ପୁହୁଁଚିଛେ । ଇଥିର୍ ଜରିଏ ଜଙ୍ଗଲ୍ ଜମିର୍ ସଂରକ୍ଷଣ୍, ଜଙ୍ଗଲ୍ ଜମି ଉପ୍ରେ ଆଦିବାସୀ ମାନ୍‌କର୍ ଅଧିକାର୍‌ର ସୁରକ୍ଷା ଜଙ୍ଗଲ୍ ଜମିକେ ନେଇକରି ଭିନ୍ ଭିନ୍ ସମିଆଥି ଦେଖାଦେଉଥିବା ସମସ୍ୟାର୍ ସମାଧାନ୍ କରାଯାଇପାର୍‌ବା । ଇ ପ୍ରକଳ୍ପ ଜରିଏ ରାଜ୍ୟର୍ ୬୦ ହଜାର୍ ବର୍ଗ କିଲୋମିଟର୍ ଜଙ୍ଗଲ୍ ଜମିର୍ ଜିଓ ରେଫରେନ୍ସି କାମ୍ ଜାରି ରହିଥିବାର୍ ବେଲେ ତାର୍ ଭିତ୍‌ରୁ ପାଖାପାଖି ୯୫ ପ୍ରତିଶତ୍ କାମ୍ ଶେଷ୍ ହେଇଛେ । ଇ ବାବ୍‌ଦେ କମିଟିର୍ ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ ।

ସମାଜ୍ କଲ୍ୟାଣ୍ ବୋର୍ଡ଼୍-ବୈଠକ I&PR

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର୍ ଅଧ୍ୟକ୍ଷତାଥି ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍‌ର ସମ୍ମିଳନୀ କକ୍ଷ ନ ସମାଜ୍ କଲ୍ୟାଣ୍ ବୋର୍ଡ଼୍‌ର ଗଠନ୍ ଆଉ କାର୍ଯ୍ୟପ୍ରଣାଲୀ ବାବ୍‌ଦେ ଗୁଟେ ବୈଠକ୍ ହେଇଯାଇଛେ । ସମାଜ୍ କଲ୍ୟାଣ୍ ବୋର୍ଡ଼୍ ତୃଣମୂଲ୍‌ସ୍ତର୍‌ଥି ରାଜ୍ୟ ସର୍‌କାର୍‌ଙ୍କର୍ ଲୋକାଭିମୁଖୀ କାର୍ଯ୍ୟକ୍ରମ୍‌ମାନ୍‌କୁ ଠିକ୍ ଭାବେ ପହଁଚାବାର୍ ଦିଗେ କାମ୍ କର୍‌ବା ବଲି ଶ୍ରୀମତୀ ପରିଡ଼ା କହିଛନ୍ । ରାଜ୍ୟର୍ ଭିନ୍ ଭିନ୍ କ୍ଷେତ୍ରଥି କାମ୍ କରୁଥିବା ଅଣ ସର୍‌କାରୀ ସଂଗଠନ୍‌ମାନ୍‌କୁ ସମାଜ୍ କଲ୍ୟାଣ୍ ବୋର୍ଡ଼୍ ଜରିଏ

ତାଲିକାଭୁକ୍ତ କରାଯାଇକରି ଗାଁ ଗାଁ ନ ଜନସଚେତନତା ସୃଷ୍ଟି କରାଯିବା ବଲି ଶ୍ରୀମତୀ ପରିଡ଼ା ମତ ଦେଇଛନ୍ । ବୋର୍ଡ଼ର କାର୍ଯ୍ୟ ପରିସର୍‌କେ ଆହୁରି ବଢ଼ାବାର୍ ଲାଗି ବାର୍ଷିକ କାର୍ଯ୍ୟାବଲୀ କେଲେଣ୍ଡର୍ ତିଆର୍ କର୍‌ବାର୍ ଲାଗି ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ମିଶନ୍ ଶକ୍ତି-ପ୍ରଭାତୀ ପରିଡ଼ା I&PR

ଭୁବ୍‌ନେଶ୍ୱର୍ ମିଶନ୍ ଶକ୍ତି ଭବନ୍ ନ 'କର୍ପୋରେଟ୍ ସାମାଜିକ୍ ଦାୟିତ୍ୱ ପଦକ୍ଷେପ୍ ଜରିଏ ମହିଳା ନେତୃତ୍ୱାଧୀନ୍ ଉଦ୍ୟୋଗ୍‌ମାନ୍‌କର୍ ପ୍ରୋତ୍ସାହନ୍' ଶୀର୍ଷକ୍ ଗୁଟେ ଜରୁରୀ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୈଠକ୍‌ଥି ଅଧ୍ୟକ୍ଷତା କରିକରି ସ୍ୱୟଂ ସହାୟକ ଗୋଷ୍ଠୀର୍ ସଦସ୍ୟାମାନ୍‌କର୍ ଉଦ୍ୟୋଗୀ ହେବାର୍ ଯାତ୍ରାଥି ଆଉ ଲକ୍ଷପତି ଦିଦି ସୃଷ୍ଟି କର୍‌ବାର୍‌ଥି ଓଡ଼ିଶାକେ ୧ ନମ୍ବର୍ କର୍‌ବାର୍ ଲାଗି ବେଙ୍କିଙ୍ଗ୍ କ୍ଷେତ୍ରର୍ ଭୂମିକାକେ ପ୍ରଶଂସା କରିଥିଲେ । ରାଏଜେ ସ୍ୱୟଂ ସହାୟକ ଗୋଷ୍ଠୀର୍ ଉତ୍ପାଦିତ ଦରବ୍ ଲାଗି ସୁଭଦ୍ରା ଶକ୍ତି ଗୁଟେ ବ୍ରାଣ୍ଡ୍ ହେବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

ଜି-ଟ୍ୱେଂଟି- ସେର୍ପା-ଝାର୍‌ସୁଗୁଡ଼ା ଗସ୍ତ ଝାର୍‌ସୁଗୁଡ଼ା ସମ୍ବାଦଦାତା

ନୀତି ଆୟୋଗ୍‌ର ଆଘର୍ ଅଧ୍ୟକ୍ଷ ଆର୍ ଜି-ଟ୍ୱେଂଟିର ଭାରତ୍ ସର୍‌କାର୍‌ଙ୍କର୍ ପ୍ରତିନିଧି ସେର୍ପା ଅମିତାଭ୍ କାନ୍ତ ଗଲାକାଏଲ୍ ଝାର୍‌ସୁଗୁଡ଼ା ଗସ୍ତଥି ଯାଇକରି ଉନ୍ନୟନ୍ କାର୍ଯ୍ୟକ୍ରମ୍ ମାନ୍‌କର୍ ସମୀକ୍ଷା କରିଛନ୍ । ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ହେଇଥିବା ଗୁଟେ ବୈଠକ୍‌ଥି ଜିଲ୍ଲାର୍ ସମସ୍ୟା ଆଉ ତାର୍ ନିରାକରଣ୍ ବାବ୍‌ଦେ ଆଲୋଚନା କରିକରି ଜିଲ୍ଲାକେ ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ଆଉ ପ୍ରଦୂଷଣ୍ ବାଗିର୍ ସମସ୍ୟାର୍ ସମାଧାନ୍ କର୍‌ବାର୍ ଲାଗି ମାଷ୍ଟର୍ ପ୍ଲାନ୍ ତିଆର୍ କରାଯିବା ବଲି କହିଥିଲେ । ବୈଠକ୍‌ଥି ଝାର୍‌ସୁଗୁଡ଼ା ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ଆର୍ ଜିଲ୍ଲାପାଲ୍‌ଙ୍କର୍ ସହେତେ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ସମଲେଶ୍ୱରୀ ଟ୍ରେନ୍ ବାତିଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ନିରାପତା ଦୃଷ୍ଟିନୁ ମେ ଆଉ ଜୁନ୍ ମାସେ ୧୨ ଦିନ୍ ଲାଗି ସମଲେଶ୍ୱରୀ ଏକ୍ସପ୍ରେସ୍‌ର ଚଲାଚଲ୍ ବନ୍ଦ୍ କରାଯାଇଛେ । ହାଓ୍ୱଡ଼ା - ଜଗ୍‌ଦଲ୍‌ପୁର୍ ରୁଟ୍‌ଥି ଫି' ମଙ୍ଗଲ୍‌ବାର୍ ଆର୍ ଜଗ୍‌ଦଲ୍‌ପୁର୍ ହାଓ୍ୱାଡ଼ା ରୁଟ୍‌ଥି ଗୁରୁବାର୍ ଦିନ୍ ମାନ୍‌କେ ୬ ଦିନ୍ ଲେଖା ଇ ଟ୍ରେନ୍ ନାଇଁ ଚାଲେ । ଇ ବାବ୍‌ଦେ ଦକ୍ଷିଣ ପୂର୍ବ ରେଲ୍‌ୱେ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପାଣିପାଗ		ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଭିନ୍ ଭିନ୍ ଜାଗା ନ କାଲ୍‌ବୈଶାଖୀର୍ ବଲେ ବର୍ଷା ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ସୁବର୍ଣ୍ଣପୁର୍, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର୍, ସୁନ୍ଦର୍‌ଗଡ୍, କଲାହାଣ୍ଡି ସହେତେ ରାଜ୍ୟର୍ ୨୬ ଟା ଜିଲ୍ଲା ନ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେଇପାରେ ।